# ହାତୁଡି ଓ ଦା

ସହରର ରାସ୍ତାଘାଟରେ ଆଲୁଅ ଜଳି ଉଠୁଥିଲା । କୁଲିମାନଙ୍କର ବସାର ଅନ୍ଧାରିଆ କୋଣରେ ବାଜିଉଠିଲା ଖଞ୍ଜଣୀ, ତାହା ସଙ୍ଗେ ସଙ୍ଗେ ଗୀତ-

ମନ ପରମ ଦୁହିଁଙ୍କର ବିଚାର
ଚାଲ ଏ ଘରୁ ହୋଇଯିବା ବାହାର ।
ଆସିଲେଣି ଖଣ୍ଟ                ତାଡ଼ିନେବେ କବାଟ
ଛାତିରେ ଲଦିଦେବେ ପଥରରେ ପଥର,
ଚାଲ ଏ ଘରୁ ହୋଇଯିବା ବାହାର ।

ଦିନମାନ ଜାହଜରୁ ମାଲ ଖଲାସ କରି ସନ୍ଧ୍ୟାରେ ସମସ୍ତେ ଆସି ବସାରେ ଠୁଳ ହୋଇଥିଲେ । ଦିନର ଶ୍ରମ-ଶିଥିଳ ଦେହ ମନକୁ ଟିକିଏ ସତେଜ କରିବା ଲାଗି ଖଞ୍ଜଣୀ, ଗୀତ ଓ ସାଙ୍ଗେ ସାଙ୍ଗେ ଚିଲମ ନେଇ ସମସ୍ତେ ବସିଯାଇଥିଲେ । ସେଇ ଗୋଟିଏ ସନ୍ତସନ୍ତିଆ ବଖରା ଭିତରେ ଚାଳିଶି ଜଣ ରହନ୍ତି । ଯେ ଯାହାର କତରା ମଶିଣାଟିମାନ ବିଛାଇ ମଶା-ଛାରପୋକଙ୍କ ଭିତରେ ଦିନ କଟାନ୍ତି । ସକାଳ ହେଲେ କାମ ଉପରକୁ ବାହାରନ୍ତି । ବିଶ୍ରାମ ବେଳେ ତାଙ୍କ ରକ୍ତ ପିଇ ମୋଟା ହୁଅନ୍ତି ମଶା, ଛାରପୋକ, କାମବେଳେ ବ୍ୟବସାୟୀ ମାଲିକ ।

ଦୁଆର ପାଖରେ ଶୁଣାଗଲା, "ମଣିଭାଇ, ଅଛକି ହୋ, ମଣିଭାଇ" ମଣି ପଧାନ ଅନ୍ୟ ହାତକୁ ଚିଲମଟା ବଢ଼ାଇ ଦେଇ ଉଠିଆସିଲା – "କିଏ ? ଆରେ ରାଧୁ ! କୋଉଦିନ ଆଇଲୁ ମ ?"

"କାଲି, ନିଅ, ତମ ଚିଠିସବୁ ।"

ଖଞ୍ଜଣୀ ଆଡ୍‌ଡ଼ା ଭାଙ୍ଗିଗଲା । ସମସ୍ତେ ରାଧୁ ଚାରିପାଖେ ଘେରିଲେ ଗାଁଗଣ୍ଡା, ଘରଦ୍ୱାର ହାଲ ଶୁଣିବାଲାଗି । ରାଧୁଠାରୁ ଖବର ଜାଣିବା ଲାଗି ଯେ ସବୁଠାରୁ ବେଶି ବ୍ୟାକୁଳ, ସେ ସମସ୍ତଙ୍କ ପଛରେ ଦୋଷୀ ପରି ଠିଆ ହୋଇ ରହିଲା । କଅଣ ଘଟିଛି, କଅଣ ନାହିଁ- ପଚାରିବାକୁ ସୁଦାମ ଜେନାର ସାହସ ପାଇଲା ନାହିଁ- ।

ଦୁଇବର୍ଷ ହେଲା ସେ ଘର ଛାଡ଼ି ଆସିଛି । ବର୍ଷେ ଯାଏ ଖବରଅନ୍ତର ଦିଆନିଆ ଚାଲିଥିଲା । ବର୍ଷେ ହେଲା ସବୁ ବନ୍ଦ । ଖାଲି ଘରେ ଯୌବନର ଭାର ଯମୁନା ଉପରେ ଲଦିଦେଇ ସେ ଚାଲିଆସିଛି । ରାଧୁ ଗାଁରୁ ଫେରିଛି । କି ଖବର ସେ ତା'ର ପାଇଁ ଆଣିଛି- ଭଲ ନା ମନ୍ଦ ! ଭଲ ଖବର ବା କଅଣ ଆଣିଥିବ ?

ବର୍ଷେ ହେଲା ସେ କିଛି ଖବର ପାଇନାହିଁ କି ଦେଇନାହିଁ । ଟଙ୍କାଏ ମଶାଏ ବି ପଠାଇ ନାହିଁ । କେମିତି ବା ପଠାନ୍ତା । ଯାହା କିଛି ବଳିଥାନ୍ତା, ବେମାର ପଡ଼ି ତ ସବୁ କୁଆଡ଼େ ଗଲା । କି ଅଶୁଭ ଖବର ରାଧୁ ତା ଲାଗି ଆଣିଛି ? ସେ କଣ ସେ ଲାଗି ତିଆରି ହୋଇନାହିଁ ? ହେଲେ ବି ଦୋଷୀ ପରି ତା ଛାତି ଦପ୍‌ଦପ୍ କରି ଉଠିଲା । ସେ ଯେତେମତେ ନିଜର ପକ୍ଷ ସମର୍ଥନ କଲା, ତାର ସବୁ ଜବାବ ଯମୁନାର ଅଭିଯୋଗ ସାମନାରେ ଅର୍ଥହୀନ ବୋଧହେଲା । କି ନିର୍ମମ ସମ୍ବାଦ ଯମୁନା ତା ପାଖକୁ ପଠାଇଛି, ଶୁଣିବା ଲାଗି ସମସ୍ତଙ୍କ ପଛରେ ସଙ୍କୁଚିତ ହୋଇ ବସିରହିଲା । ସେ ନିଦାରୁଣ ସମ୍ବାଦକୁ ମୁହାଁମୁହିଁ ଭେଟିବାକୁ ତାର ଅନ୍ତର କୁଣ୍ଠିତ ହୋଇଉଠିଲା ।

ରାଧୁ କହିଲା "ଭାଇ, ଏ ବର୍ଷ ଯେଉଁ ବଢ଼ି, ବିଲକୁ ଆଉ ଦା ଯିବ ନାହିଁ । ଚଷାର ମୂର୍ଚ୍ଛନା ଫାଟିଯାଉଛି ବିଲକୁ ଦେଖିଲେ । କେତେ ଯେ, ଏ ସାଲ ବିଦେଶକୁ ଆସୁଛନ୍ତି- ଗାଁଗଣ୍ଡା ତ ସବୁ ଶୂନ ପଡ଼ିଯିବ ଏକାବେଳେ । ନ ହେଲେ କରିବେ ଆଉ କଅଣ ? କିଛି ନ ହଉ ପଛେ, ଜମିଦାରକୁ ତ ଖଜଣା ମୁଠାକ ଗଣିବେ ଆଗ ?"

ସୁଦାମ ମନେ ମନେ ଭାବିଲା, ଏଇ ଜମିଦାରର ଖଜଣା ଲାଗି ସେ ଘରଦ୍ୱାର ଜମିବାଡ଼ି ଛାଡ଼ି ଆଜି କଲିକତାରେ ମଜୁରିଆ ! ସେ ଯମୁନାକୁ ଛାଡ଼ିଆସିଛି । ସବୁ ମାୟାମମତା କାଟି ଏଇ ଅନ୍ଧାରିଆ ଘରର ଗୋଟିଏ କୋଣକୁ କରିଛି ନିଜର ଘର । ଜମିଦାରର ପୁଅ ଯେଉଁ ଦିନ ତାକୁ ଖଜଣା ପାଇଁ ତଲବ କଲା, ଘଟଣାଟି ମନେ ପଡ଼ିବା ମାତ୍ରେ ତାର ମାଂସପେଶୀ ସବୁ କଠିନତର ହୋଇଉଠିଲା- ଯେମିତି ସେ କାହାକୁ ଆଘାତ କରିବାକୁ ତିଆରି ହେଉଛି । ଜମିଦାର ପୁଅ ଗାଲିଗୁଲଜ କରି କହିଲା- "ଖଜଣା ଦେଇ ନ ପାରିବୁ ତ ତୋ ଭାରିଜାକୁ ଦେ ।" କଅଣ ଗୋଟାଏ କରି ପକାଇବ ବୋଲି ସୁଦାମ ଯାଉଥିଲା- ତା'ର ଠେଙ୍ଗାଟି ଉପରେ ହାତମୁଠା ଶକ୍ତ ହୋଇଉଠିଥିଲା, କିନ୍ତୁ ଦେଖିଲା-ହାକିମ, ପୁଲିସ୍, ଆଇନ୍‌କାନୁନ୍, ଅସ୍ତ୍ରଶସ୍ତ୍ର ଓ ଧର୍ମଶାସ୍ତ୍ର ସବୁ ଯେ ଜଗି ରହିଛନ୍ତି- ଜମିଦାରର ମାନସମ୍ମାନ, ଧନ ଜୀବନରେ, କୌଣସି ହସ୍ତକ୍ଷେପ ଯେପରି ନ ହୁଏ । ଜମିଦାର ଯା ଇଚ୍ଛା ତା କରିପାରେ, ତାର ପ୍ରତିଶୋଧ କରିବାକୁ ଗଲେ ପୁଲିସର ଅଛି ବେତ, ଜେଲ୍‌ଖାନାର ହାତକଡ଼ି ନ ହେଲେ କଳାପାଣି, ଫାଶୀକାଠ ! ଜମିଦାରର ଏଇ ଯଥେଚ୍ଛାରିତା-କିପରି ନିର୍ବିଘ୍ନରେ ଚଳିବ ତାହାରି ପାଇଁ । ସୁଦାମର ରକ୍ତ ପୁଣି ଶୀତଳ ହୋଇଆସିଲା ।

ସେହିଠାରୁ ସୁଦାମ ସିଧା ଚାଲିଲା ଦିନୁ ସାହୁ ମହାଜନ ପାଖକୁ । ଏ ଲୋକଟା ଜମିଦାରଠାରୁ ଆହୁରି ଭୟଙ୍କର । ଜମିଦାର ତ ଧନୀ ? ଏ ଲୋକଟା ଧନୀ ହେବା ପାଇଁ ଖାସ ଲାଗିପଡ଼ିଛି । ତାହାର ଲୋଭର ମାପଖାପ ନାହିଁ । ଜମିବାଡ଼ି, ଘରଦ୍ୱାର ସବୁ ବନ୍ଧା ଦେଇ ତା' ଠାରୁ କରଜ ଆଣିଲା । ଜମିଦାରର କରଜ ପୈଠ କଲା । ଜମିଦାରକୁ ସିନା କରଜ କରି ଖଜଣା ଗଣିଲା, ମହାଜନ ହାତରୁ ଜମି ଦିଖଣ୍ଡ

ମୁକୁଳେଇବ କେମିତି ? କଲିକତା ଯିବ, ମାସ ଚାରିଟାରେ ସବୁ ଶୁଝିଦେବ, ସୁଦାମ ବ୍ୟସ୍ତ କଲା । ଯମୁନା ଏଥିରେ ହଁ ନା ଭରି କରିବ ଆଉ କଅଣ ? କିନ୍ତୁ ସୁଦାମ ଯେତେବେଳେ ଗଣ୍ଠିରାଟି କାନ୍ଧରେ ପକେଇ ବାହାରିଲା, ଯମୁନା ଆଖିରେ ଦେଖିଲା ଲୁହର ଜୁଆର । ଦେଖିଲା ଏ ଛଳ ନୁହେଁ, ଅଭିମାନ ନୁହେଁ, ଖାଲି ଜଳ, ସ୍ୱଚ୍ଛ, ନିର୍ମଳ । ଦୁଃଖ, ଦୁର୍ଦ୍ଦଶାର ଆଘାତ ସେତେବେଳେ ଦୁହିଁଙ୍କୁ ପରସ୍ପରର ନିକଟତର କରିଦେଇଥିଲା । ଏଇ ଛାଡ଼ିଆସିବା ମୁହୂର୍ତ୍ତଟିରେ ହିଁ ସେ ଯମୁନାକୁ ସବୁଠାରୁ ଆପଣାର କରି ପାରିଥିଲା । ସୁଦାମର ଆଖିପତା ଓଦା ହୋଇ ଆସିଲା ।

ରାଧୁ ଯେଉଁମାନଙ୍କ ଚିଠି ଆଣିଥିଲା ସମସ୍ତଙ୍କୁ ଦେଲା । ସୁଦାମ ପାଇଁ କଅଣ ଚିଠି ପତ୍ର କିଛି ନାହିଁ ? ଶେଷରେ ରାଧୁ ପଚାରିଉଠିଲା 'ସୁଦାମ ଭାଇ, କଅଣ ନାହିଁ କି ?' ସୁଦାମ ପଛରୁ ମୁହଁଟେକି ଚାହିଁଲା । ଛାତି ତାର ଦପ୍ ଦପ୍ ହୋଇଉଠିଲା । କି ବଜ୍ର ତା ଉପରେ ଆସି ପଡ଼ିବ ? ରାଧୁ କହିଲା, 'ଆରେ ଭାଇ, ଯମୁନା ପାଖକୁ ଚିଠି ନାହିଁ କି ଟଙ୍କା ନାହିଁ । ସେ ବିଚାରି ଚଳେ କେମିତି ଭଲା ? ବିଚାରି ଦୁଃଖଧନ୍ଦା କରି ଖୁବ୍ ଚଳିଲା । ଆଉ ବି ଯାହା ଚଳିଥାନ୍ତା, ଜମିଦାର ଟୋକାର ଯଉ ଦାଉ ! ଟୋକାର ପୁଣି କି ହସ, କି ଚାହାଣୀ । ମନକୁ ତାର ଲଙ୍ଗଳ ଦଉଡ଼ି ପାଇବ ନାହିଁ । ଗାଁ ଗଣ୍ଡାରେ ବୋହୂ ଭୁଆସୁଣୀ ଆଉ ପଦାକୁ ବାହାରୁନାହାନ୍ତି । ପୋଖରୀ ଘାଟ ତ ବନ୍ଦ.... ଯମୁନା କେତେଦିନ ହେଲା କାହାସଙ୍ଗେ ପଳାଇଯାଇଛି । ମାଇପିଲୋକ କାହାକେ ଆଉ ସମ୍ଭାଳିବ । ଦିନୁ ସାହୁ ତ ଏବେ ଜମିବାଡ଼ି ସବୁ ନିଲାମ ନେଲାଣି ।' ସୁଦାମ ଜଡ଼ପରି ସବୁ ଶୁଣିଲା । ଚାଷବାସ ଘରକରଣାକୁ ପୁଣି ଥରେ ଭଲକରି ଫେରି ପାଇବା ଲାଗି ତ ତାକୁ ସେ ସବୁ ଛାଡ଼ିବାକୁ ହୋଇଥିଲା । ସେଥିପାଇଁ ତ ପ୍ରାଣ ପ୍ରାୟଶ୍ଚିତ୍ତ ହୋଇ ଲାଗିଥିଲା । ତାର ଜମିବାଡ଼ି କିଏ ନେଲା ? ତାର ଘରଦ୍ୱାର କିଏ ଭାଙ୍ଗିଲା ? କିଏ ତା'ଠାରୁ ଯମୁନାକୁ ଚିରଦିନ ଲାଗି ଅଲଗା କରିଦେଲା ? କିଏ ତାକୁ ଏପରି ନିଃସ୍ୱ, ଗୃହହୀନ, ସର୍ବହରା କଲା ? ମହାଜନ, ଜମିଦାର ନାଁ ଏବେ ଯେଉଁ ମାଲିକ ପାଖରେ ସେ କାମ କରୁଚି ? ସମସ୍ତେ, ଏ ସମଗ୍ର ସାମାଜିକ ବ୍ୟବସ୍ଥା ? ସୁଦାମର ହାତମୁଠା ଶକ୍ତ ହୋଇଆସିଥିଲା । ତାର ଦେହ ମନର ସମଗ୍ର ବିଦ୍ରୋହ ଭାବ ଏହି ହାତମୁଠାରେ ଯେମିତି ଠୁଳ ହୋଇଥିଲା । ଯମୁନା ତେବେ ଆଉ ନାହିଁ । ସୁଦାମ ଗୋଟିଏ ଦୀର୍ଘଶ୍ୱାସ ପକାଇଲା । ସବୁ ସ୍ନେହ, ଶ୍ରଦ୍ଧା ଏଇ କେତେଟା ଦିନ ଭିତରେ ଭୁଲିଗଲା, ବିଦାୟ ବେଳର ସେଇ ଛଳଛଳ ଜଳଭରା ଆଖି ଦିଓଟି ଯମୁନାର ତା ଆଗରେ ଦେଖାଗଲା । ସେଇ ଯମୁନା, ସେ ଆଉ କାହା ସାଙ୍ଗେ ପଳାଇ ଯାଇଛି ! ସୁଦାମ ବିଶ୍ୱାସ କରିପାରିଲା ନାହିଁ । ଅସମ୍ଭବ ବା କ'ଣ ? ସେ ନିଜେ ବା କୋଉ ନିରୋଗ ହୋଇ ରହିପାରିଛି ! ନିଜେ ତ ଆସିବାର ମାସ ଦୁଇଟା ହୋଇଛି କି ନାହିଁ ରୋଗ ନେଇ ବସିଛି । ଲଜ୍ଜାକର ଭାବନାଗୁଡ଼ିକୁ ମନରେ ଜାଗା ନ ଦେବା ଲାଗି ସେ ଗୋଟିଏ ନିଶ୍ୱାସ ମାରି କହିଉଠିଲା, "ଆରେ ଭାଇ, ଆମ ପାଇଁ କଣ ଦାରିଘର ନାହିଁ ।"

ଶାମା କହିଲା "କଣ ଆଜି ଯିବା ? ହପ୍ତାତ ଆଜି ମିଳିଛି ।" ସେ ସବୁବେଳେ ଖାଲି ଏଇ ସୁଯୋଗ ଖୋଜୁଥାଏ ।

ସୁଦାମ ଭାବିଲା-ମୂଲିଆ ମଣିଷର ପୁଣି ଘରଦ୍ଵାର ପିଲାମାଇପ ! ଥିଲାବାଲାଙ୍କର ସିନା ସବୁ ସଉକ । ମୂଲିଆ ମଜୁରିଆର ଯେ ଖାଲି ପେଟଚିନ୍ତା । ତାର ପୁଣି ଗୋଟିଏ ସଉକ କଅଣ, ପ୍ରିୟାପ୍ରୀତି କଣ ? ଜମିଦାର ଖଜଣା ଆଦାୟ କରେ ତା ସଉକ ରଖିବା ପାଇଁ, ମହାଜନ ସୁଧ ନିଏ, ବ୍ୟବସାୟୀ ଲାଭ ପାଏ ସେଇଥିଲାଗି । ଖାଲି ଖଟି ଖଟି ଉଚ୍ଛନ୍ନ ହୁଏ ଚଷା ଆଉ ମଜୁରିଆ । ତାକୁ ସବୁ ତ୍ୟକ୍ତ କରିଦେବାକୁ ହୁଏ, ଏହିମାନଙ୍କ ସୁଖ ସଉକ ଲାଗି । ମୁଲିଆ ମଜୁରିଆର କଅଣ ତେବେ ପ୍ରେମ ସୁଆଗ କିଛି ନାହିଁ ?

ସୁଦାମ ଆଚ୍ଛା କରି ଦୁଇଥର ଚିଲମ ଟାଣିନେଲା । କିଛି ସମୟ ପରେ ଦୁଇଚାରି ଜଣ ସଜବାଜ ହୋଇ ବାହାରିପଡ଼ିଲେ । ସୁଦାମ ଅନ୍ୟମାନଙ୍କ ସଙ୍ଗେ ଯନ୍ତ୍ରଚାଳିତ ପରି ଚାଲିଥାଏ । ଶାମା ଏମାନଙ୍କର ଭିତରେ ଓସ୍ତାଦ୍ । ସେ ସାଥୀମାନଙ୍କୁ ରାସ୍ତା ଉପରେ ଠିଆ କରାଇ ଦେଇ ପ୍ରଥମେ ଗୋଟିଏ ଘରେ ପଶିଲା । ଅଳ୍ପ ସମୟ ପରେ ବାହାରି ଆସି କହିଲା "ଭାଇ ଏକଦମ ତାଜାମାଲ, ଟିକିଏ ଚଢ଼ାଦର ଏକା, ଅଣ୍ଟାରେ ରେ ଧନ ଅଛି ତ ଆସ ।" ଅନ୍ୟମାନଙ୍କ ସଙ୍ଗେ ସୁଦାମ ଭିତରକୁ ଚାଲିଲା । କିନ୍ତୁ ଆଜି ସେ ଚମକି ଉଠିଲା କାହିଁକି ? ସେ ତ କିଛି ନୂଆ ହୋଇ ଏମିତି ଜାଗାକୁ ଆସୁନାହିଁ । ସେ ଦେଖିଲା ଶାମା ଯାହା କାନ୍ଧରେ ହାତପକାଇ ହସଖୁସି ହୋଇ ଆସୁଚି ସେ ଆଉ କେହି ନୁହେଁ, ସେ ଯମୁନା ! ତାରି ପାଖକୁ ଏମାନଙ୍କ ସାଙ୍ଗେ ସେ ସଜ ହୋଇ ଆସିଛି ।

-୦-